# NATIONAL NEWS BULLETIN (ODIA)

## 08th September - 2025

## Morning Bulletin : 7.15 a.m.

********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ବନ୍ୟା ପରିସ୍ଥିତିର ସମୀକ୍ଷା ପାଇଁ ଆସନ୍ତାକାଲି ପଞ୍ଜାବ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ବିହାରରେ ଭୋଟର୍ ତାଲିକା ସ୍ୱତନ୍ତ୍ର ସଂଶୋଧନ ସଂକ୍ରାନ୍ତ ଆଗତ ମାମଲାଗୁଡ଼ିକର ଆଜି ସୁପ୍ରିମ୍‌କୋର୍ଟରେ ହେବ ଶୁଣାଣି ।

- ଚବାହାର ବନ୍ଦର ପ୍ରକଳ୍ପ ସମେତ ଆଞ୍ଚଳିକ ବିକାଶ ଓ ସହଯୋଗ ପ୍ରସଙ୍ଗ ନେଇ ଇରାନ୍ ପ୍ରତିପକ୍ଷଙ୍କ ସହ କଥାବାର୍ତ୍ତା କଲେ ଭାରତୀୟ ସୁରକ୍ଷା ପରାମର୍ଶଦାତା ।

- ଦେଶର ନବୀକରଣୀୟ ଶକ୍ତିକ୍ଷେତ୍ରକୁ ତ୍ୱରାନ୍ୱିତ କରିବ ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ।

ଏବଂ

- ପୁରୁଷ ଏସୀୟ କପ୍ ହକି ଚାମ୍ପିୟସିପ୍ ଟାଇଟଲ୍ ହାସଲ କଲା ଭାରତ ।

— ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

## ପଞ୍ଜାବ - ପି.ଏମ୍. ଭିଜିଟ୍

ବନ୍ୟା ପରିସ୍ଥିତି ସମୀକ୍ଷାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ପଞ୍ଜାବ ଗସ୍ତରେ କରିବେ । ପ୍ରଭାବତି ଅଞ୍ଚଳରେ ସ୍ଥିତି ତଥା ସହାୟତା ପ୍ରଦାନ ନେଇ ଶ୍ରୀ ମୋଦି ବ୍ୟକ୍ତିଗତ ଭାବେ ପ୍ରଶାସନିକ ଅଧିକାରୀ ଏବଂ ଲୋକଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ପଞ୍ଜାବ ବି.ଜେ.ପି. ସଭାପତି ସୁନିଲ୍ ଝାକର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବନ୍ୟା ପରିସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନିରନ୍ତର ଅବଗତ ହେବା ସହ ସ୍ଥିତି ନେଇ ଚିନ୍ତା ପ୍ରକଟ କରିଛନ୍ତି । ପୂର୍ବରୁ ବନ୍ୟାଞ୍ଚଳ ଗସ୍ତରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆସି ସମୀକ୍ଷା କରିଥିଲେ । ଦୁଇଜଣିଆ କେନ୍ଦ୍ରୀୟ ଆନ୍ତଃମନ୍ତ୍ରଣାଳୟ ଦଳ ମଧ୍ୟ ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ସବିଶେଷ ଅନୁଧ୍ୟାନ କରିଥିବା ସୂଚନା ମିଳିଛି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଭାରତୀୟ ସେନା, ଏନ୍.ଡି.ଆର୍.ଏଫ୍., ସୀମା ସୁରକ୍ଷା ବଳ ନିୟୋଜିତ ଅଛନ୍ତି । ପରିସ୍ଥିତିରେ କ୍ରମଶଃ ସୁଧାର ଆସୁଥିବା ଜଣାପଡ଼ିଛି । ଏପର୍ଯ୍ୟନ୍ତ ୪୬ ଜଣଙ୍କର ପ୍ରାଣହାନି ହୋଇଥିବା ସୂଚନା

ମିଳିଛି । ପ୍ରାୟ ୨ ହଜାର ଗ୍ରାମ ଏବଂ ୩ ଲକ୍ଷ ୮୭ ହଜାରରୁ ଅଧିକ ଲୋକ ବନ୍ୟାଦ୍ୱାରା ପ୍ରଭାବିତ ହୋଇଛନ୍ତି । ବନ୍ୟା ପରିସ୍ଥିତି ନେଇ ବନ୍ଦ ଥିବା ଶିକ୍ଷାନୁଷ୍ଠାନ ଆସନ୍ତାକାଲିଠାରୁ ଖୋଲିବାପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି । ତେବେ ଜିଲ୍ଲାଓ୍ୱାରି ପରିସ୍ଥିତି ନେଇ ପ୍ରଶାସନ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିବାକୁ ସରକାର କହିଛନ୍ତି ।

## ଏସ୍.ସି. - ଏସ୍.ଆଇ.ଆର୍. ହିଅରିଂ

ବିହାରରେ ଭୋଟର୍ ତାଲିକା ସ୍ୱତନ୍ତ୍ର ସଂଶୋଧନ ସଂକ୍ରାନ୍ତ ନିର୍ବାଚନ କମିଶନ୍‌ଙ୍କ ଗତ ଜୁନ୍ ୨୪ ତାରିଖ ନିଷ୍ପତ୍ତି ବିରୋଧରେ ଆଗତ ଏକାଧିକ ମାମଲାର ଶୁଣାଣି ଆଜି ସୁପ୍ରିମ୍ କୋର୍ଟରେ  ହେବ । ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟା ବାଗ୍‌ଚିଙ୍କ ଖଣ୍ଡପୀଠରେ ହେବାକୁ ଥିବା ଏହି ଶୁଣାଣିରେ ରାଷ୍ଟ୍ରୀୟ ଜନତା ଦଳ - ଆର୍.ଜେ.ଡି., ଏ.ଆଇ.ଏମ୍.ଆଇ.ଏମ୍. ଏବଂ ଅନ୍ୟ ଆବେଦନକାରୀ ସେମାନଙ୍କର ପକ୍ଷର ରଖିବେ । ନିର୍ବାଚନ କମିଶନ ଦାଖଲ କରିଥିବା ତଥ୍ୟ ଅନୁଯାୟୀ ଚିଠା ଭୋଟର୍ ତାଲିକାରେ ସ୍ଥାନିତ ହୋଇଥିବା ୭ କୋଟି ୨୪ ଲକ୍ଷ ଭୋଟର୍‌ଙ୍କ ମଧ୍ୟରୁ ୯୯ ଦଶମିକ ୫ ପ୍ରତିଶତ ସେମାନଙ୍କର ଯୋଗ୍ୟତା ସଂକ୍ରାନ୍ତ ନଥିପତ୍ର ଯାଞ୍ଚ୍ ସମୟରେ ଦାଖଲ କରିଛନ୍ତି । କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ

ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ବିରୋଧରେ ଏକାଧିକ ମାମଲା ଦାୟର କରାଯାଇଛି । ତେବେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଦାବି ଉପସ୍ଥାପନ ନେଇ ଅନୁମତି ପ୍ରଦାନ କରିବାକୁ କୋର୍ଟ ପୂର୍ବରୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଇଣ୍ଡିଆ-ଇରାନ୍ ସେଣ୍ଟ୍ରାଲ୍ ଏସିଆ ପଲିସି

ଚବାହାର ବନ୍ଦର ପ୍ରକଳ୍ପ ସମେତ ଆଞ୍ଚଳିକ ବିକାଶ ଏବଂ ସହଯୋଗ ପ୍ରସଙ୍ଗ ନେଇ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ଗତକାଲି ଇରାନୀ ପ୍ରତିପକ୍ଷଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା କରିଛନ୍ତି । ବିଶ୍ୱ ବାଣିଜ୍ୟ ଏବଂ କୂଟନୈତିକ ସମନ୍ୱୟ ପରିବର୍ତ୍ତନ ମଧ୍ୟରେ ଭାରତ ଇରାନ୍‌ର ଚବାହର ବନ୍ଦର ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ କେନ୍ଦ୍ରୀୟ ଏସିଆ ନୀତିକୁ ଅଧିକ ସକ୍ରିୟ କରିଛି । ଓମାନ୍ ଉପସାଗରରେ ଅବସ୍ଥିତ ଚବାହରରେ ସାହିଦ ବେହେସ୍ତି ଟର୍ମିନାଲ୍‌କୁ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ରଭାବେ ପରିଗଣିତ କରାଯାଇଥାଏ । ଏହି ଟର୍ମିନାଲ୍ ଭାରତକୁ ସିଧାସଳଖ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆକୁ ସଂଯୋଗ କରିବାର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଥାଏ । ଜାହାଜ ଚଳାଚଳ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ

ଏହି ବନ୍ଦରରେ ଜାହାଜ ଯାତାୟତରେ ୪୩ ପ୍ରତିଶତ ଏବଂ କଣ୍ଟେନର ଯାତାୟତ ୩୪ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୬-୧୭ ଆର୍ଥିକ ବର୍ଷରେ ଚବାହର ବନ୍ଦରପାଇଁ ଅନୁମୋଦିତ ୪ ଶହ କୋଟି ଟଙ୍କା ମଧ୍ୟରୁ ଏପର୍ଯ୍ୟନ୍ତ ୨୦୧ କୋଟି ୫୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ମନ୍ତ୍ରଣାଳୟ କହିଛି ।

## ଲୁନାର ଏକ୍ଲିପ୍ସ

ଚଳିତ ବର୍ଷର ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ଗତକାଲି ସଂଘଟିତ ହୋଇଯାଇଛି । ପୃଥିବୀର ଛାଇ ରାତି ୯ଟା ୫୭ ମିନିଟ୍‌ରେ ଚନ୍ଦ୍ରକୁ ଆଚ୍ଛାଦିତ କରିବା ଆରମ୍ଭ କରିଥିଲା । ରାତି ୧୧ଟା ୧ ମିନିଟ୍ ସୁଦ୍ଧା ଏହା ସମ୍ପୂର୍ଣ୍ଣ ଭାବେ ଚନ୍ଦ୍ରକୁ ଆଚ୍ଛାଦିତ କରି ତମ୍ବା ବର୍ଣ୍ଣରେ ପରିଣତ କରିଥିଲା । ଫଳରେ ଚନ୍ଦ୍ର ଲୋହିତ ବର୍ଣ୍ଣରେ ଦୃଶ୍ୟମାନ ହୋଇଥିଲା । ପ୍ରାୟ ରାତି ୧୨ଟା ୨୨ ମିନିଟ୍‌ରେ ଏହା ଶେଷ ହୋଇଥିଲା । ସମଗ୍ର ଦେଶରେ ୪୮ ମିନିଟ୍‌ରୁ ଅଧିକ ସମୟ ପର୍ଯ୍ୟନ୍ତ ଖାଲି ଆଖିରେ ଏହା ଦେଖିବାକୁ ମିଳିଥିଲା ।

## ଜି.ଏସ୍.ଟି. ରିଫର୍ମସ - ରିନ୍ୟୁବଲ୍ ଏନର୍ଜି

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଦେଶର ବିଭିନ୍ନ କ୍ଷେତ୍ରରେ ଟିକସ ହାରକୁ ହ୍ରାସ କରିବା ସହ ଜୀବନଧାରଣ ମାନରେ ଉନ୍ନତି ଆଣିପାରିବ । ଜି.ଏସ୍.ଟି. ପରିଷଦର ଗତ ବୁଧବାର ଅନୁଷ୍ଠିତ ବୈଠକରେ ବିଭିନ୍ନ କ୍ଷେତ୍ରରେ ଟିକସ ହ୍ରାସ ନେଇ ପ୍ରସ୍ତାବ ଗୃହୀତ ହୋଇଛି । ଆସନ୍ତା ୨୨ ତାରିଖରୁ ନୂତନ ଟିକସ ହାର କାର୍ଯ୍ୟକାରୀ କରାଯିବ । ନବୀକରଣୀୟ ଶକ୍ତି କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସଂସ୍କାର ସମ୍ପର୍କିତ ଏକ ରିପୋର୍ଟ :

ଶକ୍ତିକ୍ଷେତ୍ରପାଇଁ ଏକ ବଡ଼ ସଂସ୍କାରସ୍ୱରୂପ ସୌର କୁକୁର ଏବଂ ଫଟୋ ଭୋଲ୍‌ଟାଇକ୍ ସେଲ୍‌ଠାରୁ ଆରମ୍ଭ କରି ବିଭିନ୍ନ ନବୀକରଣୀୟ ଶକ୍ତି ଉପକରଣ ଉପରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହାଦ୍ୱାରା ପ୍ରକଳ୍ପ ଖର୍ଚ୍ଚ ହ୍ରାସ ପାଇବା ସହ ସ୍ୱଚ୍ଛ ଶକ୍ତିକ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ । ପବନ କଳ ଉପକରଣ, ବାୟୋ ଗ୍ୟାସ୍ ପ୍ଲାଣ୍ଟ, ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କ୍ଷେତ୍ର ଅଧିକ ଗତିଶୀଳ ହେବ । କୋଇଲା, ଲିଗ୍‌ନାଇଟ୍ ଉପରେ ଜି.ଏସ୍.ଟି. ୫ ପ୍ରତିଶତରୁ ୧୮ ପ୍ରତିଶତକୁ ବୃଦ୍ଧି ଜୀବାଶ୍ମ ଇନ୍ଧନ ଉପରେ ସବୁଜ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି । ବୈଦ୍ୟୁତିକ ଯାନବାହନ ସର୍ବନିମ୍ନ ୫ ପ୍ରତିଶତ ଟିକଟ ସ୍ଲାବ୍ ଅଧୀନରେ ରହିବ । ସରଳୀକୃତ ଟିକସ ଦାଖଲ ବ୍ୟବସ୍ଥା ଏକ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକର ସମାଧାନ କରିବା ସହ ସ୍ୱଚ୍ଛ ଶକ୍ତି କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବ । ଶିଳ୍ପଗୋଷ୍ଠୀ ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦର

ଯାଦବ ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରିବା ସହ ସବୁଜ ଭାରତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ଏହି ସଂସ୍କାର ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଗ୍ରହଣକୁ ଗତିଶୀଳ କରିବା ସହ ବର୍ଜ୍ୟ ପରିଚାଳନାରେ ଉନ୍ନତି ଆଣିବ ବୋଲି ମନ୍ତ୍ରୀ ଶ୍ରୀ ଯାଦବ ଆଶାବ୍ୟକ୍ତ କରିଛନ୍ତି ।

**ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା ।**

# ବି.ଜେ.ପି. - ଜି.ଏସ୍.ଟି. ରିଫର୍ମ ରିଜୋଲ୍ୟୁସନ

ନୂଆଦିଲ୍ଲୀରେ ଚାଲିଥିବା ଦୁଇଦିନିଆ ବି.ଜେ.ପି. ସଂସଦୀୟ ଦଳ କର୍ମଶାଳାରେ ସର୍ବସମ୍ମତିକ୍ରମେ ଜି.ଏସ୍.ଟି.ର ପରବର୍ତ୍ତୀ ପିଢ଼ି ସଂସ୍କାର ଉପରେ ଏକ ପ୍ରସ୍ତାବ ଗୃହୀତ ହୋଇଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲ୍ ଏହି ପ୍ରସ୍ତାବ ଆଗତ କରିଥିଲେ । ବି.ଜେ.ପି. ସାଂସଦମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନାଗରିକ ଅନୁକୂଳ ଚିନ୍ତାଧାରା ତଥା ସାହସିକ ପଦକ୍ଷେପପାଇଁ କୃତଜ୍ଞତା ଜଣାଇଛନ୍ତି । ଜି.ଏସ୍.ଟି. ଦାଖଲ କରିବା ପ୍ରକ୍ରିୟାକୁ ଏହି ସଂସ୍କାର ମାଧ୍ୟମରେ ଅଧିକ ସରଳ କରାଯାଇପାରିଛି । ଖାଦ୍ୟ, ଔଷଧ ଏବଂ ବୈଦ୍ୟୁତିକ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ । କ୍ଷୁଦ୍ର ବ୍ୟବସାୟୀ, ରପ୍ତାନୀକାରୀ ଏବଂ ଷ୍ଟାର୍ଟଅପ୍ କ୍ଷେତ୍ର ଏହାର ସୁଫଳ ପାଇବେ ବୋଲି ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି । ନାଗରିକଙ୍କ ଜୀବନ ଧାରଣ ମାନରେ ସହଜତା ଆଣିବା ସହ

ବ୍ୟବସାୟ କ୍ଷେତ୍ରକୁ ଅଧିକ ସଶକ୍ତ କରିବ ଏବଂ ଆତ୍ମନିର୍ଭରଶୀଳ ଭାରତ ଅଭିଯାନ ଅଧିକ ସୁଦୃଢ଼ ହେବ । ଜି.ଏସ୍.ଟି. ସଂଗ୍ରହ ମାସିକ ୨ ଲକ୍ଷ କୋଟି ଟଙ୍କାର  ନିରନ୍ତର ଅଭିବୃଦ୍ଧି ହାସଲ କରିବ ବୋଲି ପ୍ରସ୍ତାବରେ କୁହାଯାଇଛି ।

ଉତ୍ପାଦର ଚାହିଦା ବୃଦ୍ଧି ପାଇବା ଫଳରେ ଉତ୍ପାଦ କ୍ଷେତ୍ର ତ୍ୱରାନ୍ୱିତ ହେବ । ଦେଶର ଆର୍ôଥିକ ଅଭିବୃଦ୍ଧି ଅଧିକ ସଶକ୍ତ ହୋଇପାରିବ ବୋଲି ପ୍ରସ୍ତାବରେ କୁହାଯାଇଛି । ୨୦୧୭ରେ ୬୬ ଲକ୍ଷରୁ ଅଧିକ ଜି.ଏସ୍.ଟି. କରଦାତାଙ୍କ ସଂଖ୍ୟା ବୃଦ୍ଧି ପାଇ ୮ ବର୍ଷ ମଧ୍ୟରେ ଦେଢ଼ କୋଟିରେ ପହଞ୍ଚିଛି । ଗତ ଆର୍ଥିକ ବର୍ଷରେ ବାର୍ଷିକ ଜି.ଏସ୍.ଟି. ସଂଗ୍ରହ ୨୨ ଲକ୍ଷ କୋଟିରୁ ଅଧିକ ହୋଇଥିବା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି ।

## ରିଜିଜୁ – ବି.ଜେ.ପି. ଏମ୍.ପି. ୱାର୍କସପ୍

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ନୂଆଦିଲ୍ଲୀରେ ବି.ଜେ.ପି. ସାଂସଦଙ୍କ ତାଲିମ୍ କର୍ମଶାଳା ଜାରି ରହିଛି । ପ୍ରଥମ ଦିନ ସମାପ୍ତ ପରେ ଗଣମାଧ୍ୟମ ସହ ଆଲୋଚନାବେଳେ ଶ୍ରୀ ରିଜିଜୁ କହିଛନ୍ତି, ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ସୁବ୍ୟବସ୍ଥିତ ଏବଂ ବୃତ୍ତିଗତ ଢାଞ୍ଚାରେ ପ୍ରସ୍ତୁତ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ତାଲିମ୍ ଅଧିବେଶନରେ ଉପସ୍ଥିତ ଥିଲେ ବୋଲି ଶ୍ରୀ ରିଜିଜୁ କହିଛନ୍ତି । ଏନ୍.ଡି.ଏ. ମେଣ୍ଟ

ଦଳଗୁଡ଼ିକର ସାଂସଦ ଆଜି ମଧ୍ଧ ତାଲିମ କର୍ମଶାଳାରେ ଯୋଗଦେବେ । ଉଦ୍‌ଯାପନୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଚକ୍ଷୁଦାନ ଉପରେ ରହିଥିବା ଭ୍ରାନ୍ତଧାରଣା ଦୂରୀକରଣ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଡକ୍ଟର ଆର୍.ପି. ସେଣ୍ଟର, ଏମ୍ସର ପ୍ରଫେସର ତଥା ଜାତୀୟ ଚକ୍ଷୁବ୍ୟାଙ୍କ୍‌ର ଅଧ୍ୟକ୍ଷ ଡାକ୍ତର ନମ୍ରତା ଶର୍ମା ଏବଂ ଜାତୀୟ ଚକ୍ଷୁ ବ୍ୟାଙ୍କ୍‌ର ଭାରପ୍ରାପ୍ତ ଅଧିକାରୀ ତଥା ଭାରତୀୟ ଚକ୍ଷୁବ୍ୟାଙ୍କ୍ ସଂଘର ସାଧାରଣ ସମ୍ପାଦକ ଡାକ୍ତର ରାଜେଶ ସିହ୍ନା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ୦୧୧-୨୩୭୧୭୧୧୭ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରି ସେମାନଙ୍କ ପ୍ରଶ୍ନ ପଚାରିପାରିବେ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଏସିଆ କପ୍ ହକି ଫାଇନାଲ୍

ଭାରତ' ପୁରୁଷ ଏସିଆ କପ୍ ହକି ଚାମ୍ପିୟନ୍‌ସିପ୍ ଟାଇଟଲ୍ ହାସଲ କରିଛି । ବିହାରର  ରାଜଗିରି ହକି ଷ୍ଟାଡିୟମ୍‌ରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ୪-୧ ଗୋଲ୍‌ରେ ପରାସ୍ତ କରି ଭାରତ ଚତୁର୍ଥ ଥରପାଇଁ ପୁରୁଷ ଏସୀୟ କପ୍ ଚାମ୍ପିୟନ୍ ହୋଇଛି । ନେଦରଲ୍ୟାଣ୍ଡ୍‌ସ୍ ଏବଂ ବେଲ୍‌ଜିୟମ୍‌ଠାରେ ହେବାକୁ ଥିବା ଏଫ୍.ଆଇ.ଏଚ୍. ପୁରୁଷ ହକି ବିଶ୍ୱକପ୍-୨୦୨୬ରେ ଭାରତ ନିଜର ସ୍ଥାନକୁ ସୁଦୃଢ଼ କରିଛି । ଏହି ସଫଳତା ଲାଗି ହକି ଇଣ୍ଡିଆ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ୩ ଲକ୍ଷ ଟଙ୍କା ଲେଖାଏଁ ଏବଂ ସହଯୋଗୀ କର୍ମକର୍ତ୍ତାଙ୍କପାଇଁ  ଦେଢ଼ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରିଛି ।

# ପି.ଏମ୍. - ମେନ୍ ହକି

ପୁରୁଷ ଏସୀୟ କପ୍ ହକି ଚାମ୍ପିୟନ୍ ଭାରତୀୟ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଗତବର୍ଷର ବିଜେତାକୁ ପରାସ୍ତ କରି ଭାରତ ବିଜୟୀ ହୋଇଥିବାରୁ ଏହି ସଫଳତା ସ୍ୱତନ୍ତ୍ର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତୀୟ ହକି ଏବଂ

କ୍ରୀଡ଼ାକ୍ଷେତ୍ରପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

*****